# ମୁଁ ଯେତେବେଳେ ମିଲିଟାରୀରେ ଥିଲି

ଶ୍ରୀ ମାୟାଧର ସିଂହ

Digitized by srujanika@gmail.com

ପ୍ରକାଶକ :

ପୂର୍ଣ୍ଣିମା ପ୍ରକାଶନୀ
ଗୋଲବଜାର, ସମ୍ବଲପୁର

ପରିବେଶକ :

ସାରସ୍ୱତ ପୁସ୍ତକ ଭଣ୍ଡାର
ଗୋଲବଜାର, ସମ୍ବଲପୁର ।

ପ୍ରଚ୍ଛଦ ଶିଳ୍ପୀ :

ଭୋଲାନାଥ ନାୟକ
ସମ୍ବଲପୁର ।

ମୁଦ୍ରଣ :

କଳିଙ୍ଗ ମୁଦ୍ରଣୀ
୫ଏ, ନୁରମହମ୍ମଦ୍ ଲେନ୍
କଲିକତା-୯

ଆତ୍ମପ୍ରକାଶ :

ମେ—୧୯୭୫

ମୂଲ୍ୟ :

Rs 2.00

Digitized by srujanika@gmail.com

ଶ୍ରୀଯୁକ୍ତ ସିଂହଙ୍କ "ମୁଁ ଯେତେବେଳେ ମିଲଟାରୀରେ ଥିଲି" ଧାରାବାହିକ ଭାବରେ ପ୍ରକାଶ ପାଉଥିଲା ଦଗନ୍ତରେ। ଦଗନ୍ତରେ ମୁଁ ପ୍ରତ୍ୟେକଟି ସଂଖ୍ୟା ନପାଇ ଯେତେବେଳେ ପାଇଛି ବିକ୍ଷିପ୍ତ ଭାବରେ ଲେଖାଟିକି ପଢ଼ିଛି। ସେତେବେଳଠାରୁ ମୁଁ ଲେଖାଟି ପଢ଼ି ଏତେ ମୁଗ୍ଧ ହୋଇଥିଲି ଯେ ତାକୁ ପୁସ୍ତକ ଆକାରରେ ପ୍ରକାଶ କରିବା ପାଇଁ ଯେତେବେଳେ ସିଂହଜୀଙ୍କୁ ଦେଖିଛି ଅନୁରୋଧ କରିଛି। ତେଣୁ ମୋ ଭଳି ଯେଉଁମାନେ ପୁସ୍ତକାକାରରେ ଏହାକୁ ପାଇବାର ବାସନା ଏଯାଏ ପୋଷଣ କରି ରଖିଛନ୍ତି ସେମାନେ ବହିଟିର ପ୍ରକାଶନରେ ନିଶ୍ଚୟ ଆଶ୍ୱସ୍ତ ହେବେ। ବହିଟିର ପ୍ରକାଶ ପାଇଁ ସାରସ୍ୱତ ପୁସ୍ତକ ଭଣ୍ଡାରର ସତ୍ତ୍ୱାଧିକାରୀ ମୋର ବ୍ୟକ୍ତିଗତ ବନ୍ଧୁ ନିର୍ମଳଚନ୍ଦ୍ର ପାଢ଼ୀ ନିଶ୍ଚୟ ଧନ୍ୟବାଦାର୍ହ। ମୁଁ ଅଭିମତ ଲେଖୁନାହିଁ ବା ସିଂହଜୀଙ୍କ ଲେଖା ଉପରେ ଅଭିମତ ଦେବାର ଧୃଷ୍ଟତା ମୋର ନାହିଁ ତଥାପି ଯଦି କହୁଛି ନକୁହେ ତେବେ କୃତଘ୍ନତା ହେବ।

"ମୁଁ ଯେତେବେଳେ ମିଲଟାରୀରେ ଥିଲି" ପାଣ୍ଡୁଲିପିଟି ଆମୂଳଚୂଳ ପଢ଼ିଲି ପ୍ରାୟ ଏକା ନିଶ୍ୱାସରେ ଗୋଟାଏ ରାତିରେ କହିଲେ ଚଳେ। ସେଦିନ ଆବେଗ ଆଜି ଉତ୍‌କଣ୍ଠାରେ ଭଲ ଭାବରେ ଖାଇ ପାରିନି,... ଆଖିର ପଲକବି ପଡ଼ିନି। ମୁଁ ସ୍ପଷ୍ଟଭାବରେ କହୁଛି ଉତ୍କଣ୍ଠିତ ଗଳ୍ପ ପଢ଼ିବାର ନିଶା ମୋର ନାହିଁ ତେବେ ମୁଁ ଯୋର ଦେଇ କହିବି ସିଂହଜୀଙ୍କ ମିଲଟାରୀ ଜୀବନର ରୋମାଞ୍ଚକର କଥା ଯେ କୌଣସି ପ୍ରଥମଶ୍ରେଣୀ ଉତ୍କଣ୍ଠିତ ଗଳ୍ପର ଆନନ୍ଦ ଆଜି ବିସ୍ମୟ ପରିବେଷଣ କରିବାରେ ସମର୍ଥ।

Digitized by srujanika@gmail.com

ସିଂହଜୀଙ୍କର ସବୁଠୁ ବଡ଼ ସଫଳତା ହେଲ ତାଙ୍କର ପ୍ରକାଶଭଙ୍ଗୀ । ଆମ ସାଧାରଣ ଜୀବନର ଘଷା ହିଁ ସେ କାଗଜ ଉପରେ ଥୋଇ ଦେଇଛନ୍ତି ଅବିକଳ । ସେଥିରେ ଗୃତ୍ରିମ ନାହିଁ, ନାହିଁ ଛଳନା । ଶବ୍ଦାଡ଼ମ୍ବର ବା ଅଳଙ୍କାରର ପ୍ରାଚର୍ଯ୍ୟ ଲେଖାଟିରେ ଆଦୌ ନାହିଁ ଅଛି ଏକ ସରଳ ଆଉ ସରସ ମନର ନିରାଡ଼ମ୍ବର ପ୍ରକାଶ । ଅବଶ୍ୟ ଏହା ସିଂହଜୀଙ୍କ ସ୍ୱକୀୟ, ନିଜସ୍ୱ ବାହାଦୁରୀ ।

ଆମ ସାହିତ୍ୟରେ ଏହି ବିଭାବଟି ଶୂନ୍ୟ କହିଲେ ଚଳେ । ତେଣୁ ସିଂହଜୀଙ୍କର ଏହି ପ୍ରଚେଷ୍ଟା ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସମ୍ପୂର୍ଣ୍ଣ ନୂତନ । ମୁଁ ଯେତେବେଳେ ମିଳିଟାରୀରେ ଥିଲି ଉପନ୍ୟାସ ନହୋଇବି ଉପନ୍ୟାସ ଭଳି ସୁଖପାଠ୍ୟ । ଦ୍ୱିତୀୟ ମହାଯୁଦ୍ଧର ଘନଘଟା ଭିତରେ ନୈତିକ ଅଧପତନ, I. N. A.ର ଅଭ୍ୟୁଦୟ, ସୁବାସ ବୋଷଙ୍କ ସ୍ୱପ୍ନ ଓ ନେତୃତ୍ୱ ପୁଣି ଅର୍ଥନୈତିକ ପରିସ୍ଥିତି ବିଶ୍ଳେଷଣ ସିଂହଜୀ ବିଚକ୍ଷଣତାର ସହିତ କରି ପାରିଛନ୍ତି ।

ଏହି ବହିଟି ଯେ ପାଠକମାନଙ୍କ ଅକୁଣ୍ଠ ପ୍ରଶଂସା ଲାଭ କରିବ ଏଥିରେ ଦ୍ୱିରୁକ୍ତି ନାହିଁ ।

ଉପୃହନ୍

ସମ୍ବଲପୁର
ତା । ୮ । ୨ । ୬୪

ଉମାଶଙ୍କର ପଣ୍ଡା ସମ୍ବଲପୁରୀ

Digitized by srujanika@gmail.com

"ହ୍ୟାଲୋ ମିଷ୍ଟର ସିଂହ—Have you heard that the I. N. A. boys have entered into Sylhet" କହୁ କହୁ କ୍ୟାପ୍‌ଟେନ୍ ଥମାସ୍ ମୋ ପାଖ ଟୁଲ ଖଣ୍ଡକରେ ବସିଲେ—"ଆସ୍ତେ! ପାଖ Tentରେ କ୍ୟାପ୍‌ଟେନ୍ ସିଅର ଅଛି, ଶୁଣିବ।" "ଶୁଣୁ ହୋ ଖୁଣ କରି ପକାଇବ! ପ୍ରକୃତରେ ମିଷ୍ଟର ସିଂହ, ଯେଉଁଦିନ ଆମେ ସବୁ I. N. A. ସଙ୍ଗରେ ମିଶି ଏ ଗୋରାଙ୍କ ବିରୁଦ୍ଧରେ ଠିଆ ହେବା ସେଦିନ ଯେ ମୁଁ କେତେ ଗର୍ବରେ ଗୃହକୁ ଯିବି ସେ ବିଷୟ ଭାବିଲେ ଯେଉଁ ଆନନ୍ଦ ଆସୁଛି ତା ମୁଁ ନିଜେ ବର୍ଣ୍ଣନା କରି ପାରୁନି।" କଥା ଗୁଡ଼ାକ ଯେପରି ମୋର ଏ କାନରେ ପଶି ସେ କାନରେ ବାହାରି ଯାଉଥିଲା। ମୁଁ ଜୋରରେ Wild Woodbine ସିଗାରେଟ୍‌ଟାକୁ ଦୁଇଦମ ଟାଣିଦେଲି।

"ଆଚ୍ଛା, ସିଂହ ନେତାଜୀ ପରା ତୁମ ଓଡ଼ିଶାର କଟକରେ ଜନ୍ମ ହୋଇଥିଲେ। ତୁମେତ ତାଙ୍କ ଘର ଦେଖିଥିବ?"

"ନିଶ୍ଚୟ।"

ଏତିକିରେ ହଠାତ୍ ମେନନ୍ ଆସି କହିଲେ, "ଆଜି କୋହିମା ସୀମାନ୍ତରେ ବତିଶ ଗୋଟିଏ ଜାପାନୀ ଲଢ଼ୁଆ ଜାହାଜକୁ ତଳକୁ ଖସାଇ ଦେଇଛି—ବିମାନ ଚଳାଉଥିଲେ ଜଣେ ଜାପାନୀ ମହିଳା—ମୁଁ ଏଫ୍. ଏସ୍. ଡି. (Field supply Depot)କୁ ଯାଇଥିଲି, ଦେଖିଚି"। ସେଦିନ ମୁଁ ପ୍ରଥମେ ଶୁଣିଲି ଜଣେ ଜାପାନୀ ମହିଳା ଲଢ଼ୁଆ ବିମାନ ଧରି ଯୁଦ୍ଧ କରୁଚନ୍ତି, ବେଶ୍ କିଛୁଟା ବିସ୍ମିତ ହୋଇଥିଲି। ପ୍ରତିଦିନ ଦେଖୁଥିଲି ଜାପାନୀ ବନ୍ଦୀମାନଙ୍କର ଧୈର୍ଯ୍ୟ ଏବଂ ତୁଳନା କରୁଥିଲି ଆମ ଦେଶ ଲୋକମାନଙ୍କ ସଙ୍ଗେ, ପ୍ରତିଦିନ ତାଙ୍କର କାର୍ଯ୍ୟ କଳାପ ଦେଖି ବୁଝିଥିଲି

Digitized by srujanika@gmail.com

ଯେ ଯଦି ଆମେରିକାନମାନେ ଆଟମ୍ ବମ୍ ପକେଇ ନ ଥାନ୍ତେ ଏବଂ କେତୋଟି ଘଟଣାର ସ୍ୱାକ୍ଷର ଇତିହାସରେ ଯଦି ଇଷଦ୍ ବଙ୍କିମ ରେଖାରେ ଅଙ୍କିତ ହୋଇଥାନ୍ତା, ତେବେ ମହାଯୁଦ୍ଧର ସମାପ୍ତି ଭିନ୍ନଧରଣର ହୋଇଥାନ୍ତା ।

କ୍ୟାପ୍‌ଟେନ ଥମାସ୍ କହିଲେ "ମେନନ୍, ସେ Return ଗୁଡ଼ାକ ଆଜି ଡାକରେ ସବୁ ଯାଇଛି ? ଯଦି ଯାଇ ନଥାଏ, କାଲି Wireless କରିଦିଅ ।" ତାପରେ ସେ କହିଲେ "ମୁଁ ବେଶି ଭାବୁଛି ସେଇ ଜାପାନୀ ମଣ୍ଡଳଟି କଥା—ସେ କିଛି କହୁନି । ଯାହା ପଚାରିଲେ ଖାଲି ଚୁପ୍ ହୋଇ ବସିଛି—ବୋଧହୁଏ ଶୀଘ୍ର ତାକୁ Concentration କ୍ୟାମ୍ପକୁ ନେଇଯିବେ" ।

କହିଲି "ନାଆନ୍ତୁ, ମାଡଖାଇ ମରିଯିବ ପଛକେ, ସେ କିନ୍ତୁ କହିବନି ।" ଦେଖନ୍ତୁ, ଆମ ପାଖରେ ଯେଉଁ ବନ୍ଦୀମାନ ଅଛନ୍ତି—ସ୍କୁଲରେ କିଛି ଶୁଣୁଛ ତାଙ୍କଠୁଁ ?"

ପ୍ରକୃତରେ କେଡ଼େ ସାହସୀ ଏ ଜାତି ଏବଂ କି ଦେଶ ପ୍ରେମ ତାଙ୍କର । ଏ କଥା ଭାବିଲି ବେଳକୁ ବିଶ୍ୱାସ କରି ହେଉନି, କହିଲେ କ୍ୟାପ୍‌ଟେନ୍ ଥମାସ୍ ।

"ଦେଖିଲି ଏ ଫଟୋଖଣ୍ଡି," ବୋଲି ଦେଖେଇଲି ମୁଁ ବାହାର କରି ଖଣ୍ଡିଏ ଫଟୋ । ସେ ଖଣ୍ଡ ମିଳିଥାଏ ମୋତେ ଗୋଟିଏ ଜାପାନୀ ଲେଫ୍‌ଟନାଣ୍ଟ ପାଖରୁ—ଆଇ. ଏନ୍. ଏ. ର ଜଣେ ସିପାହୀ ଖାଲି ହାତରେ ଠିଆ ହୋଇଥାଏ ଗୋଟିଏ ଫାଟକ ପାଖରେ—ମୋର ଜାପାନୀ ବନ୍ଧୁଟି ଦେଇଥିଲା ସେ ଦିନ ମୋତେ ସେ ଖଣ୍ଡିକ ଉପହାର, ଦୁଇଟି ସିଗାରେଟ ପାକେଟ ବଦଳରେ—କାହିଁକି ସେ ଲୁଚାଇ ରଖିଥିଲା ତା ପାଖରେ, ତା ସେ ଜାଣେ ।" ବନ୍ଦୀ ହେବାମାତ୍ରେ ସମସ୍ତଙ୍କଠାରୁ ସବୁ ଜିନିଷ ତଲାସି କରି କାଢ଼ି ନିଆ ହୋଇଥାଏ । ବିଶେଷତଃ ଫଟୋଗ୍ରାଫ୍, କ୍ୟାମେରା, ଫାୟାର ଆର୍ମସ୍ ଇତ୍ୟାଦି ;

ଜାପାନୀ ବନ୍ଧୁଟି କହିଲା "ଏଇଟି ରଖିଥାନ୍ତୁ—ଆଣ୍ଡାମାନ ଦ୍ୱୀପର ଆଇ. ଏନ୍. ଏ. ର ପ୍ରଥମ ସିପାହୀ—ନେତାଜୀଙ୍କ ଆଜାଦ ସରକାରର ଭାରତୀୟ ସିପାହୀ ।"



Digitized by srujanika@gmail.com

ମୋର ମୁଣ୍ଡ ନଇଁଗଲା ସଙ୍ଗେ ସଙ୍ଗେ ନେତାଜୀଙ୍କ ଉଦ୍ଦେଶ୍ୟରେ—ଭାବିଥିଲି ବ୍ରିଟିଶର ଗୋଲାମ ହୋଇ ଯୁଦ୍ଧ ଭୂଇଁକୁ ଆସିଛି, ଫେରିବି ଆଜାଦ ହିନ୍ଦ୍ ଫୌଜ ସଙ୍ଗେ ସ୍ୱାଧୀନ ଭାରତ ମାଟିକୁ—ସେ ଭାବନା ଭାବନାରେହିଁ ରହିଗଲା ସବୁଦିନ ପାଇଁ ।

ଫଟୋ ଖଣ୍ଡ କ୍ୟାପ୍ଟେନ୍ ଥମାସ୍ ଓ ମେନନ୍ ଦେଖି ସାରିବା ପରେ ମୋତେ ଥମାସ୍ କହିଲେ, ମିଷ୍ଟର ସିଂ ମୋତେ ଏ ଫଟୋ ଖଣ୍ଡି ଦିଅନ୍ତୁ ମୁଁ ୫୧୦୦ ଟଙ୍କା ଦେବି ।

କହିଲି—"ସୋଭେନିର" ଅର୍ଥ ଜାଣନ୍ତି ତ ? ଟଙ୍କା ଆପଣଙ୍କର ରଖିଥାଆନ୍ତୁ—ଯଦି ଆପଣଙ୍କର ପାଖେ ଅଛି ଆଉ ଖଣ୍ଡେ ଫଟୋ ମୋତେ ଦିଅନ୍ତୁ । ମୁଁ ୫୨୦୦ ଟଙ୍କା ଦେବି ।

ଥମାସ୍ କହିଲେ, ମୁଁ ବଡ଼ ଆଶ୍ଚର୍ଯ୍ୟ ହେଉଛି, ଆପଣ କିପରି ସେମାନଙ୍କ ସଙ୍ଗେ ଏତେ ନିବିଡ଼ ହୋଇ ପାରୁଛନ୍ତି ।

ତମ୍ବୁ ଚହଲାଇ ଫୋନ ବାଜିଉଠିଲା—ରିସିଭର ଉଠାଉଛି, ହଠାତ୍ ସାଇରେନ୍‌ର ଆର୍ତ୍ତନାଦ । କ୍ୟାପ୍ଟେନ ଥମାସ୍ ଓ ମେନନ୍ ଦଉଡ଼ି ଚାଲିଗଲେ ସେମାନଙ୍କର ଟେଣ୍ଟକୁ । ମୁଁ ହେଲ୍‌ମେଟ୍ ଓ ଷ୍ଟେନ୍‌ଗନ୍ ଧରି ପଶିଗଲି "ମୂ ରୁମ୍" ଭିତରେ । ଥମାସ୍‌ର ଟେଣ୍ଟ ଆମ ଅଫିସ ପାଖରୁ ଅଧା ଫର୍ଲଙ୍ଗ ହେବ । ପ୍ରାୟ ୧୦ ମିନିଟ ଚାଲିଗଲା—ହଠାତ୍ ଦିଗ୍‌ବିଦିଗ ପ୍ରକମ୍ପିତ କରି ଏକ କର୍ଣ୍ଣଭେଦୀ ଶବ୍ଦ । ମୋର ମୂ ରୁମ୍ ସହିତେ ଆମେ ସବୁ ଥରିଗଲୁ—ନିଶ୍ଚୟ ବୋମାଟିଏ ଖୁବ୍ ପାଖରେ ପଡ଼ିଛି । ବୋଧହୁଏ ଆହୁରି ପଡ଼ିବ ଏବଂ ଯଦି ମୋ ମୂରୁମ୍ ଉପରେ ପଡ଼ିବ, ଏ ଅପନ୍ତରିଆ ଜାଗାରେ ମୋର ବି ଜୀବନ ଦୀପ ଲିଭିଯିବ । କିନ୍ତୁ ଆଉ ଶବ୍ଦ ଶୁଭୁନି—ପ୍ରାୟ ଅଧଘଣ୍ଟା ଉତ୍ତାରୁ ଅଲ୍ କ୍ଲିଅର ବାଜି ଉଠିଲା—ଝାଳବୁଡ଼ ହୋଇ ମୂରୁମ୍ ଭିତରୁ ଉପରକୁ ଉଠି ଆସିଲି ଏବଂ ଚାଲିଲି କ୍ୟାପ୍ଟେନ୍ ଥମାସ୍‌ଙ୍କ ଟେଣ୍ଟ ଆଡ଼େ । ଆସି ଯାହା ଦେଖିଲି, ଆଜି ବି ତାହା ମନେକଲେ, ଦେହ ଶିହରି ଉଠୁଛି । କ୍ୟାପଟେନ୍ ଥମାସ୍ ଓ ତାଙ୍କ କ୍ଲର୍କ ମିଷ୍ଟର ମେନନ୍ ଦୁଇଜଣ ତମ୍ବୁ ସହିତେ ଧ୍ୱଂସ ହୋଇ ଯାଇଛନ୍ତି । ଦୁଇ ମାସର ନିବିଡ଼ ବନ୍ଧୁତା ମୋ ସହିତ କେତେ ମିନିଟ ତଳର ଗୋଟିଏ ମୁହୂର୍ତ୍ତରେ ସବୁ ଶେଷ କରି ଦେଇଛି ।



Digitized by srujanika@gmail.com

ଅଧଘଣ୍ଟାକ ପୂର୍ବର କଥା ମୋର ଆଖି ଆଗରେ ସବୁ ଭାସିଗଲା । ମୁଁ କାନ୍ଦ କାନ୍ଦ ଫେରି ଆସିଲି ମୋର ଟେଣ୍ଟ ପାଖକୁ—ତାପରେ କ'ଣ ହେଲା ମୁଁ ଜାଣିନି—ସକାଳ ହେଲା । ଡେଲି ଅର୍ଡର ପାର୍ଟ ଏକରେ ବାହାରିଲା—"କାଲି ରାତରେ ଘଣ୍ଟାଏ ଧରି ବୋମା ବର୍ଷଣ ହୋଇଥିଲା ୨୫ଟି ଜାପାନୀ ଉଡ଼ାଜାହାଜରୁ । ତାଙ୍କୁ ମାରି ତଳକୁ ଖସାଇ ଦିଆ ଯାଇଛି । ଗୁଳିକମାନେ ମରିଯାଇଛନ୍ତି । ଆମପକ୍ଷର କିଛିମାତ୍ର କ୍ଷତି ହୋଇନାହିଁ । ମୋଡ଼ ମାଡ଼ କାଗଜ ଖଣ୍ଡ ଫିଙ୍ଗିଦେଲି ଏବଂ ଚା' ଖାଇ ବାହାରି ପଡ଼ିଲି ମୋର ଅଫିସକୁ ।

୧୯୪୩ ମସିହା ଫେବୃୟାରୀ ତା ୨୫ରିଖ—ରଜାଘର ଧମକଉ ଥା'ନ୍ତି, ତୁମର ଏଠୁ ଉଠି ଚାଲି ନ ଗଲେ ହାତୀ ନେଇ ଘର ଭାଙ୍ଗି ଦେବୁ । ଖଣ୍ଡେ ଚାକିରିର ଯୋଗାଡ଼ରେ ଥାଏ, ଚାକିରି ଯୋଗାଡ଼ ହେଲା । ରଜାଙ୍କ କାନକୁହାବାଲା ଫୁସଲା ଫୁସଲି କରି ମୋ'ଠୁ ଦରଖାସ୍ତ ଲେଖେଇ ନେଲେ । ଚାରିଦିନ ପରେ ଜଏନ୍ କରିବାର ପରୁଆନା ପାଇଲି ।

"ତୁମକୁ ସେକେଣ୍ଡ ଅଫିସରଙ୍କ ମୋହରିର ରୂପେ ବର୍ତ୍ତମାନ ପାଇଁ ୫୨୦୯ଙ୍କା ଦରମାରେ ମୁକରୁର କରାଗଲା ।"

ମୁକରୁର ହେଲି । ମୋର ଉପରିସ୍ଥ କର୍ମଚାରୀଙ୍କୁ ଇଂରାଜୀ "A" ଅକ୍ଷର ବରୁଣେଇ ପାହାଡ଼ ।

ମୋତେ ସେ କହିଲେ "ତୁମେ ରୋଜନାମଚା ଲେଖି ଶିଖ ।"

"ଆଜ୍ଞା ହଁ" କହି ଲେଖିଲି । ଲେଖୁ ଲେଖୁ ଇଂରାଜୀରେ ୪- ଟା ନାମ ଲେଖିଦେଲି—ବଡ଼ବାବୁ ପଢ଼ି ନ ପାରି ମୋ ଉପରେ ରାଗ ଝାଡ଼ିଲେ । କହିଲେ "କାହିଁକି ଇଂରାଜୀରେ ଲେଖିଲ ?" କହିଲି, "ଇଂରେଜୀ ରାଜଭାଷା ।" ଦେଖି ରାଗ ତା ପରେ—ସମ୍ଭାଳି ପାରିଲି ନାହିଁ, ତହିଁ ଆରଦିନ ଖବର କାଗଜରେ ବାହାରିଥାଏ "ଯୁଦ୍ଧ ପାଇଁ ଲୋକ ଦରକାର ।" ଖୋର୍ଦ୍ଧା ଉଡ଼ିସ ଓ୍ୟାର୍ଥିଙ୍କ ଡାକବଙ୍ଗଳାରେ ଦେଖା କର । ଖଣ୍ଡିଏ ଦରଖାସ୍ତ ଲେଖି ପକାଇ ଦେଲି । ତାପରେ ଘରକୁ ଆସି କହିଲି, "ମୋତେ ଲକ୍ଷ୍ନୌ ଯିବାକୁ ହେବ । ଗୋଟିଏ ଗାର୍ଡ ଚାକିରି ପାଇଁ ଚିଠି ଆସିଛି । ଗାର୍ଡ



Digitized by srujanika@gmail.com

ଚାକିରୀ ପାଇଁ ଯାଇ ଖୋର୍ଦ୍ଧା ରୋଡ଼ରେ ଓହ୍ଲାଇ ଜଜ୍ ଓ୍ୱାର୍ଡ ସାହେବଙ୍କ ବଙ୍ଗଳାରେ ପହଞ୍ଚିବା ସଙ୍ଗେ ସଙ୍ଗେ ଓଜନ, ମାପ ଇତ୍ୟାଦି ହୋଇଗଲା—ତା'ପରେ ଜଣେ ବଙ୍ଗାଳୀ ବାବୁ ଆସି ରାତି ପାସେଞ୍ଜରରେ ବସାଇ ଦେଇଗଲେ । ହାତରେ ଟ୧୦ଙ୍କା ଧରାଇଦେଲେ—ଖଣ୍ଡେ କାଗଜରେ ଲେଖାଥିଲା ନଂ ୩ ମେ ରୋଡ଼ ହେଷ୍ଟିଂସ୍ (3 May Road Hastings) କଲିକତା ଯାଇ ଅଫିସର କମାଣ୍ଡିଙ୍ଗଙ୍କୁ ଦେଖା କରିବାକୁ ।

ହାଓଡ଼ା ଷ୍ଟେସନରେ ଓହ୍ଲାଇ ମୋର ଜଣେ ବନ୍ଧୁଙ୍କ ବସା ଭବାନୀପୁରକୁ ଗଲି—ଏହା ମୋର ଦ୍ୱିତୀୟବାର କଲିକତା ଦେଖା । ବନ୍ଧୁଙ୍କ ବସାରେ ସେଦିନ ରହି ତହିଁ ଆରଦିନ ମେ ରୋଡ଼କୁ ଯାଇ ଅଫିସର କମାଣ୍ଡିଙ୍ଗଙ୍କ ସଙ୍ଗେ ଦେଖା କରିବାରୁ ସେ କହିଲେ, "ବସ, ଆଜି ଦୁଇଟାବେଳେ ପରୀକ୍ଷା ହେବ ।"

ସେ ଦିନ ଆମେ ଥିଲୁ ୨୫୦ ଜଣ ରିକ୍ରୁଟ୍ । ଜଣକ ପରେ ଜଣକୁ ସାକ୍ଷାତ ପାଇଁ ଡକା ହେଉଥାଏ । ମୋର ପାଳି ପଡ଼ିଲା ୭୫ଜଣଙ୍କ ପରେ, ପ୍ରାୟ ୫୨ଟା ସମୟକୁ । ୩ଜଣ ଅଫିସର ବସି ପ୍ରଶ୍ନ ପଚାରୁଥା'ନ୍ତି···ଆଗରୁ ଯେତେ ଭଦ୍ରଲୋକଙ୍କୁ ପ୍ରଶ୍ନ ପଚରା ଯାଉଥାଏ, ତାଙ୍କୁ କେବଳ ଏକ ପ୍ରଶ୍ନ । କାହିଁକି ସୈନ୍ୟ ବାହିନୀରେ ଯୋଗଦାନ କରୁଚ ? ସମସ୍ତେ ପ୍ରାୟ ଗୋଟିଏ ଫର୍ମୁଲାରେ ଉତ୍ତର ଦେଉଥା'ନ୍ତି "For the King, Country ଇତ୍ୟାଦି"—ମୋତେ ବି ସେଇ ପ୍ରଶ୍ନ ।

ମୁଁ ଉତ୍ତର ଦେଲି "ସତ କହିବି, ନା ଅନ୍ୟମାନଙ୍କର ପୁନରାବୃତ୍ତି କରିବି ?" ଏ ଉତ୍ତରରେ ୩ଜଣ ଯାକ ମୋ ମୁହଁକୁ ଅନାଇ ରହିଲେ—ତା ଭିତରୁ ଯେ ବଡ଼ ଅଫିସର ସେ କହିଲେ "ସତ ହିଁ କୁହ ।"

କହିଲି, "ପ୍ରଥମରେ, ମୁଁ ମୋ ନିଜ ଗୋଡ଼ରେ ଛିଡ଼ା ହେବାକୁ ଚାହେଁ । ଦ୍ୱିତୀୟରେ ବହୁ ଦେଶ ଓ ବୃହତ୍ତର ମଣିଷ ସମାଜର ସମ୍ପର୍କରେ ଆସିବାକୁ ଚାହେଁ । ତୃତୀୟରେ ମୁଁ ନିୟମାନୁବର୍ତ୍ତିତା ଶିକ୍ଷା କରିବାକୁ ଚାହେଁ ଏବଂ ଚତୁର୍ଥରେ ରାଜା ଓ ଦେଶପ୍ରତି ମୋର କର୍ତ୍ତବ୍ୟ ଅଛି ।"



Digitized by srujanika@gmail.com

ଏ କଥା ଶୁଣି ସେ ଭାରି ଖୁସି ହେଲେ ଏବଂ ସଙ୍ଗେ ସଙ୍ଗେ କହିଲେ Post him direct."

ସେତେବେଳକୁ ପ୍ରାୟ ଗତ ୭ଟା—ପ୍ରତିଦିନ ଏପରି ଶହ ଶହ ଲୋକଙ୍କର ଇଣ୍ଟରଭିଉ ହେଉ ଥାଏ—ସେଦିନ ଇଣ୍ଟରଭିଉରେ ଖୁବ୍ ଭଲ ହୋଇଥାଏ ବୋଲି ମୁଁ ମୋର ୫-୭ ଜଣ ସାଥିଙ୍କ ସଙ୍ଗେ ଖୁସି ଗପ କରି ଫେରୁଥାଏ—ଅନ୍ୟ ଭଦ୍ରଲୋକ ଗୁଡ଼ିକ ସେଠିଠାରେ ଠିଆ—ସମସ୍ତେ ବଙ୍ଗାଳୀ—ଆସୁ ଆସୁ ବାହାରେ ଜଣେ କହିଲେ, ମିଷ୍ଟର ସିଂହ, ଆପଣ ଭାଗ୍ୟବାନ୍। ଆପଣାର Direct Posting ହବେ—ଆମାଦେର କିନ୍ତୁ ଟ୍ରେନିଂ ସେନ୍ଟେ ହବେ। କାଲିକେ ଦେଖାଯାକ୍ କୋଥାଏ କେ ଯାଏ। ଆଚ୍ଛା ନମସ୍କାର। ଜଗୁବାବୁ ବଙ୍କାର ପାଖରୁ ସେ ଯୁଆଡ଼େ ବିଦାୟ ନେଲୁ।

ତହିଁଆର ଦିନ ସକାଳ ୧୦ଟା ସମୟରେ ବେଉଡ଼ି ଖଣ୍ଡ ଧରି ପହଞ୍ଚିଲି ମେ' ଗେଡ଼ ଅଫିସରେ—ସେଦିନ ମାର୍ଚ୍ଚ ୮ ତାରିଖ। ପୂର୍ବାଭିଜ୍ଞ ହୋଇଗଲି। କ'ଣ ଗୁକିରି ପାଇବି ଜାଣି ନଥାଏ। ପ୍ରାୟ ୧୧ଟା ବେଳକୁ ଖଣ୍ଡିଏ ପରୁଆନା ପାଇଲି Selected as a Havildar Clerk—Posted in I field Bakery R. I. A. S. C Bombay। ଜଣେ ସରଦାରଜୀ ପରୁଆନା ଖଣ୍ଡ ହାତରେ ଧରାଇ ଦେଲେ ଏବଂ କହିଲେ "ଶୁନୋ ଜବାନୋ, ଆଜ ଏକ୍‌ବଜେ ହାଓଡ଼ା ସେ ଗାଡ଼ି ଛୋଡ଼େଗା—ଅଭି ଆପ ଲୋକକୁ ଦଶ ରୁପାୟା ଦିଆ ଯାତା ହୈ। ବାକି ସବ୍ ଖାନାପିନା ଆପକୋ ସରକାର ବାହାଦୁର ଦେଙ୍ଗେ। ତୟାର ହୋ ଯାଇଏ।

ପ୍ରାୟ ଅଧଘଣ୍ଟା ପରେ ଗୋଟିଏ ଟ୍ରକ ଆସି ଠିଆହେଲା। ସେଥିରେ ପ୍ରାୟ ୩୦ ଜଣ ଖଟେଣ୍ଟ ଚଢ଼ିଲୁ—ସବୁ ଆସି ହାଓଡ଼ାରେ ଓହ୍ଲାଇଲୁ—ଷ୍ଟେସନରେ ଜଣେ ଗୋରା ଭଦ୍ରଲୋକ ସମସ୍ତଙ୍କ ନାମଧରି ଡାକି ଦେଲେ, ହାତରେ ୫୧୦ଙ୍କା ଧରାଇ ଦେଲେ ଏବଂ କହିଲେ ସେ ଆମର ଇନ୍‌ଚାର୍ଜ ଅଫିସର। ଆମକୁ ନେଇ ନିଜ ନିଜ କମ୍ପାନୀରେ ପହଞ୍ଚାଇ ଦେବେ—ଆମ କମ୍ପାନମେଣ୍ଟରେ ଜଣେ ମୋଟା ଭଦ୍ରଲୋକ ଥା'ନ୍ତି। ତାଙ୍କ ସାଙ୍ଗରେ ଥଟ୍ଟା ତାମସା ଚାଲିଥାଏ—ସେହି ଗୋରା



Digitized by srujanika@gmail.com